# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 December – 2025

*******************************

## ମୁଖ୍ୟ ସମ୍ବାଦ

- ସଶସ୍ତ୍ର ସୀମାବଳ ଦେଶ ସୁରକ୍ଷାର ଏକ ଶକ୍ତ ଆଧାରସ୍ତମ୍ଭ; ୬୨ତମ ପ୍ରତିଷ୍ଠା ଦିବସରେ କହିଲେ ପ୍ରଧାନମନ୍ତ୍ରୀ
- ରାଜ୍ୟରେ ଅବ୍ୟବହୃତ ସରକାରୀ କ୍ୱାଟର୍ସଗୁଡ଼ିକୁ ବିକାଶମୂଳକ କାର୍ଯ୍ୟରେ ବ୍ୟବହାର କରିବେ ସରକାର
- ନିରନ୍ତର ବିକାଶ ପାଇଁ ଏକତା– ସହଭାଗୀ ଭବିଷ୍ୟତ ପାଇଁ ସମ୍ପ୍ରଦାୟଗୁଡ଼ିକୁ ଏକତ୍ରୀତ କରିବା ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଆନ୍ତର୍ଜାତିକ ସଂହତି ଦିବସ

ଏବଂ

- ରାଜ୍ୟରେ ଜାରି ରହିଛି ଶୀତ ଲହରି; ଘନକୁହୁଡ଼ି ନେଇ ତିନୋଟି ଜିଲ୍ଲାକୁ ସତର୍କ ସୂଚନା

# ସଶସ୍ତ୍ର ସୀମାବଳ ପ୍ରତିଷ୍ଠା ଦିବସ

ଦେଶର ସୀମା ସୁରକ୍ଷା ପାଇଁ ସର୍ବଦା ଜାଗ୍ରତ ରହୁଥିବା ସଶସ୍ତ୍ର ସୀମାବଳ ଆଜି ତାର ୬୨ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ଯବାନମାନଙ୍କ ସାହସ, ସୌର୍ଯ୍ୟ ଓ ତ୍ୟାଗ ପାଇଁ ଦେଶବାସୀ ସୁରକ୍ଷିତ ଜୀବନଯାପନ କରୁଛନ୍ତି। ସେମାନଙ୍କ ଦୃଢ଼ ମନୋବଳ ତଥା କର୍ତ୍ତବ୍ୟପରାୟଣ ଜାତୀୟ ସୁରକ୍ଷାର ସ୍ତମ୍ଭ ଭାବେ ଉଭା ହୋଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଶସ୍ତ୍ର ସୀମାବଳର ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ ସୁରକ୍ଷା କର୍ମୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସଶସ୍ତ୍ର ସୀମାବଳ ଦେଶ ସୁରକ୍ଷାର ଶକ୍ତ ଆଧାର ସ୍ତମ୍ଭ। ଯବାନମାନେ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଅଭିଯାନ ଚଳାଇ ଦେଶର ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ସର୍ବଦା ଜାଗ୍ରତ ରହିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି, ସୀମାକୁ ସୁରକ୍ଷା ଦେବା, ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଅଟଳ ପ୍ରତିବଦ୍ଧତା ସହ ଦେଶସେବା କରିବାରେ ସଶସ୍ତ୍ର ସୀମାବଳ ଯବାନଙ୍କ ସାହାସ, ଶୃଙ୍ଖଳା ଏବଂ ସମର୍ପଣ ପ୍ରଶଂସନୀୟ। ଦେଶ ପ୍ରତି ନିଃସ୍ୱାର୍ଥପର ସେବା ପାଇଁ ସମସ୍ତ ସାହସୀ ଯବାନମାନଙ୍କୁ ଶ୍ରୀ ମାଝୀ କୃତଜ୍ଞତା ଜଣାଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଷ୍ଟ୍ରସେବାରେ ସଦା ସମର୍ପିତ ବୀର ଯବାନମାନଙ୍କୁ ପ୍ରତିଷ୍ଠା ଦିବସର ଶୁଭକାମନା ଜଣାଇଛନ୍ତି।

Desk

## ସରକାରୀ କ୍ୱାଟର୍ସ

ରାଜ୍ୟରେ ବ୍ୟବହାର ନ ହୋଇ ପଡ଼ି ରହିଥିବା ସରକାରୀ କ୍ୱାଟର୍ସଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଇ ବିକାଶମୂଳକ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। କୋରାପୁଟ ଜିଲ୍ଲା ଜୟପୁରଠାରେ ରାଜସ୍ୱ ନିରୀକ୍ଷକଙ୍କ ସହ ବୈଠକ କରି ଶ୍ରୀ ପୂଜାରୀ କହିଛନ୍ତି, ଜମି ଜବରଦଖଲ ରୋକିବା କ୍ଷେତ୍ରରେ ତହସିଲଦାରମାନଙ୍କ ଅପେକ୍ଷା ରାଜସ୍ୱ ନିରୀକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସଚ୍ଚୋଟତାର ସହ କାର୍ଯ୍ୟ ପରିଚାଳନା କରି ରାଜ୍ୟର ବିକାଶରେ ଭାଗିଦାରୀ ହେବା ପାଇଁ ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ତି।

Desk

## ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହ ସ୍ୱତନ୍ତ୍ର ମତବିନିମୟ କାର୍ଯ୍ୟକ୍ରମ 'ପରୀକ୍ଷା ପେ ଚର୍ଚ୍ଚା'ର ନବମ ସଂସ୍କରଣ ଆସନ୍ତା ଜାନୁୟାରୀରେ ଅନୁଷ୍ଠିତ ହେବ। ଏନେଇ ଚଳିତ ମାସ ପହିଲାରୁ ପଞ୍ଜୀକରଣ ପ୍ରକ୍ରିୟା ମାଇଁ ଗଭ୍ ପୋର୍ଟାଲ୍‌ରେ ଜାରି ରହିଛି। ଆସନ୍ତା ମାସ ୧୧ ତାରିଖ ପର୍ଯ୍ୟନ୍ତ ଏହା

ଚାଲିବ । ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଭାରତ ଏବଂ ବିଦେଶର ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନେ ପରୀକ୍ଷା ଚାପକୁ ହ୍ରାସ କରି ଏହାକୁ ଏକ ଉତ୍ସବ ଭାବେ ଗ୍ରହଣ କରିବା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ହେବ।

Desk

# ଜି ରାମ୍ ଜି ବିଲ୍ ପାରିତ

ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ୍ ପାଇଁ ଗ୍ୟାରେଣ୍ଟି ଅଭିଯାନ ଗ୍ରାମୀଣ – ଭି.ବି- ଜି.ରାମ୍.ଜି. ବିଲ୍-୨୦୨୫ ସଂସଦର ଅନୁମୋଦନ ଲାଭ କରିଛି । ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ଅଧୀନରେ ଏକ ଗ୍ରାମୀଣ ବିକାଶ ଢ଼ାଞ୍ଚା ପ୍ରସ୍ତୁତ କରିବାରେ ଏହା ସହାୟକ ହେବ । ପୂର୍ବରୁ ରହିଥିବା ୧୦୦ ଦିନର ନିଶ୍ଚିତ ନିଯୁକ୍ତି ବ୍ୟବସ୍ଥାକୁ ଏଥିରେ ୧୨୫ ଦିନକୁ ବୃଦ୍ଧି କରାଯାଇଛି । ଏଥିରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ୬୦-୪୦ ଅନୁପାତରେ ପାଣ୍ଠି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସମାଜର ଅବହେଳିତ ବର୍ଗର ବିକାଶ ଲାଗି ସରକାର ଅବିରତ ପ୍ରଚେଷ୍ଟା ଜାରି ରଖିଛନ୍ତି। ଭି.ବି.-ଜି.ରାମ୍.ଜି. ବିଲ୍ ୨୦୨୫ ଲାଗି ପର୍ଯ୍ୟାପ୍ତ ପାଣ୍ଠି ୧ ଲକ୍ଷ ୫୧ ହଜାର ୨୮୨ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ବିଲ୍‌କୁ ସ୍ୱାଗତ କରି ବରିଷ୍ଠ ସାମ୍ବାଦିକ **ହରିହର ତ୍ରିପାଠୀ** ପ୍ରତିକ୍ରିୟାରେ କହିଛନ୍ତି....

**- V/O - Harihar Tripathy**

Nuapada/Desk

## ସର୍ଗଫୁଲ

ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଓ ସେମାନଙ୍କର ଦକ୍ଷତାକୁ ଅଧିକ ବିକଶିତ କରିବା ଲକ୍ଷ୍ୟ ନେଇ ଭୁବନେଶ୍ୱର ୟୁନିଟ୍-୧ ପଡ଼ିଆରେ ଚାଲିଥିବା 'ସର୍ଗଫୁଲ' ମହୋତ୍ସବ-୨୦୨୫ର ଆଜି ଉଦ୍‌ଯାପନୀ ଦିବସ। ଚଳିତ ବର୍ଷ ତିନିଦିନ ଧରି ଚାଲିଥିବା ଏହି ଉତ୍ସବରେ ସମସ୍ତ ଜିଲ୍ଲାରୁ ୧ ହଜାର ୧୬୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି। ମହୋତ୍ସବରେ ବିଜ୍ଞାନ ମେଳାର ମଧ୍ୟ ଆୟୋଜନ କରାଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ବିଭିନ୍ନ କାର୍ଯ୍ୟକ୍ରମ ସହ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବ।

ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଧୋବେଇ ଏସ୍.ଏସ୍.ଡି ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭୁବନେଶ୍ୱର ଆଦିବାସୀ ପଡ଼ିଆରେ ଅନୁଷ୍ଠିତ ଜାତୀୟସ୍ତରୀୟ ସୁରଭି ମହୋତ୍ସବରେ କୃତିତ୍ୱ ହାସଲ କରିଛନ୍ତି। ଦଳଗତ ନୃତ୍ୟରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି।

Desk

## ମାନବ ସୌହାର୍ଦ୍ଦ୍ୟ ଦିବସ

ବିଶ୍ୱ ବିକାଶ ଲକ୍ଷ୍ୟ ପୂରଣ ପାଇଁ ଏକତା ଅପରିହାର୍ଯ୍ୟ। ଏକତାକୁ ଏକ ମୌଳିକ ଓ ବିଶ୍ୱ ମୂଲ୍ୟବୋଧ ଭାବେ ଗୁରୁତ୍ୱ ଦେଇ ଆଜି ଆନ୍ତର୍ଜାତିକ

ସଂହତି ଦିବସ ପାଳନ କରାଯାଉଛି। ବିଶ୍ୱସ୍ତରୀୟ ସମସ୍ୟାଗୁଡ଼ିକୁ ମିଳିତ ଭାବେ ସାମ୍ନା କରିବା ପାଇଁ ୨୦୦୫ ମସିହାରେ ଜାତିସଂଘ ପକ୍ଷରୁ ଏହି ଦିବସ ପାଳନ ନେଇ ଘୋଷଣା କରାଯାଇଥିଲା। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ନିରନ୍ତର ବିକାଶ ପାଇଁ ଏକତା– ଏକ ସହଭାଗୀ ଭବିଷ୍ୟତ ପାଇଁ ସମ୍ପ୍ରଦାୟଗୁଡ଼ିକୁ ଏକତ୍ରୀତ କରିବା'। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଓ ସମ୍ମିଳନୀ ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ନୂଆପନ୍ଥା ବାହାର କରିବାକୁ ଉତ୍ସାହିତ କରାଯାଉଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନ୍ତର୍ଜାତିକ ସଂହତି ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି, ଆମ ସଂସ୍କୃତିର ମୂଳମନ୍ତ୍ର ହେଉଛି 'ବସୁଧୈବ କୁଟୁମ୍ବକମ୍'। ସଂହତି ଏବଂ ଭ୍ରାତୃଭାବକୁ ପୁଞ୍ଜିକରି ସମସ୍ତେ ଏକଜୁଟ୍ ହେବା ଓ ସାମୂହିକ ପ୍ରୟାସ, ମାନବିକତା ମାଧ୍ୟମରେ ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ କରିବା ଦିଗରେ ଆଗେଇ ଆସିବା ପାଇଁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

Desk

## ଭ୍ରୂଣର ଲିଙ୍ଗ ନିରୂପଣ

ରାଜ୍ୟରେ ଭ୍ରୂଣର ଲିଙ୍ଗ ନିରୂପଣ ଭଳି ଦଣ୍ଡନୀୟ ଅପରାଧ କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନାପ୍ରଦାନକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ

ବିଜ୍ଞପ୍ତି ଜାରି କରାଯାଇଛି। ଅଣପଞ୍ଜୀକୃତ ଅଲଟ୍ରାସାଉଣ୍ଡ କେନ୍ଦ୍ର ଓ ଭ୍ରାମ୍ୟମାଣ ଅଲଟ୍ରାସାଉଣ୍ଡ ମେସିନ୍ ସମ୍ବନ୍ଧରେ ଠିକ୍ ସୂଚନା ପ୍ରଦାନ କରିବା କ୍ଷେତ୍ରରେ ବ୍ୟକ୍ତିଙ୍କୁ ୨୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ତିନୋଟି କିସ୍ତିରେ ପ୍ରଦାନ କରାଯିବ। ସୂଚନା ମିଳିବା ପରେ ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ନିରୀକ୍ଷଣ କମିଟି ଦ୍ୱାରା ତଦନ୍ତ କରାଯାଇ ସତ୍ୟ ପ୍ରମାଣିତ ହେଲେ ସୂଚନାଦାତାଙ୍କୁ ପ୍ରଥମ କିସ୍ତିରେ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବ। ଦୋଷୀଙ୍କ ବିରୁଦ୍ଧରେ ଅଦାଲତରେ ମାମଲା ରୁଜୁ ହେଲେ ସୂଚନାଦାତାଙ୍କୁ ଦ୍ୱିତୀୟ କିସ୍ତିରେ ୧୦ ହଜାର ଟଙ୍କା ଏବଂ ଦୋଷୀଙ୍କୁ ଦଣ୍ଡ ବିଧାନ କରାଗଲେ ସୂଚନାଦାତାଙ୍କୁ ଶେଷ ତଥା ତୃତୀୟ କିସ୍ତିରେ ୫ ହଜାର ଟଙ୍କା ପ୍ରଦାନ କରାଯିବ। ଆଇନ ଅନୁଯାୟୀ, ସୂଚନାଦାତାଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରଖାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

Gajapati

## ସୁଶାସନ ସପ୍ତାହ

ଜିଲ୍ଲାସ୍ତରୀୟ ସୁଶାସନ ସପ୍ତାହ ସମ୍ପର୍କିତ 'ପ୍ରଶାସନ ଗାଁ କି ଓର' ସମ୍ପର୍କିତ ଏକ କର୍ମଶାଳା ପାରଳାଖେମୁଣ୍ଡିସ୍ଥିତ ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଗ୍ରାମ ପଞ୍ଚାୟତରୁ ଆରମ୍ଭ କରି ସହର ଯାଏଁ ଜନସାଧାରଣଙ୍କ ଅଭିଯୋଗଗୁଡ଼ିକର ଶୁଣାଣି କରାଯିବ।

Nuapada

## ପ୍ରାଣୀ ସମ୍ପଦ ମେଳା

ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମେଳାରେ ଯୋଗଦେଇ ସମନ୍ୱିତ କୃଷି ଓ ସରକାରୀ ଯୋଜନାର ସୁବିଧା ନେବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ ।

Koraput

## ଲୋକୋ ମହୋତ୍ସବ

କୋରାପୁଟର ପଣ୍ଡିଠାରେ ଚାଲିଥିବା ରାଜ୍ୟସ୍ତରୀୟ ଲୋକୋ ମହୋତ୍ସବ ପରବ-୨୦୨୫ର ଆଜି ତୃତୀୟ ଦିବସ । ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଜନସାଧାରଣଙ୍କ ଭିଡ଼ ପରିଲକ୍ଷିତ ହେଉଛି । ଗତକାଲି ଦ୍ୱିତୀୟ ସନ୍ଧ୍ୟାରେ ପଟାଙ୍ଗୀ ଓ ନନ୍ଦପୁରର ଢେମସା, ମାଲକାନଗିରିର ବଣ୍ଡା ନୃତ୍ୟ, ଗଞ୍ଜାମର ପଶୁମୁଖା ନୃତ୍ୟ, ମହାରାଷ୍ଟ୍ର ନାଗପୁରର ଲଓ୍ୱଣୀ ନୃତ୍ୟ ଆଦି ପରିବେଷଣ ହୋଇଥିଲା । ଆଜି ମଧ୍ୟ ରାଜ୍ୟ ଓ ରାଜ୍ୟ ବାହାରର ସାଂସ୍କୃତିକ ଦଳ ଗୁଡ଼ିକ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ପରିବେଷଣ କରାଯିବ ।

BHK

## ଆଶା ଗ୍ରାମ କଲ୍ୟାଣ ସମିତି

ଭଦ୍ରକ ସହିଦ ସ୍ମୃତିଭବନ ଟାଉନହଲଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଶା ଗ୍ରାମ କଲ୍ୟାଣ ସମିତି ସମାବେଶ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଧିର ରଞ୍ଜନ ନାୟକ ପ୍ରମୁଖ ସମାବେଶରେ ଯୋଗଦେଇ ଶିଶୁମାନଙ୍କ

ଟୀକାକରଣ, ପରିବାର ନିୟୋଜନ ଓ ବିଭିନ୍ନ ଶିଶୁ ରୋଗ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାର ୭ଟି ବ୍ଲକରୁ ଶ୍ରେଷ୍ଠ ଆଶାକର୍ମୀ, ଗ୍ରାମ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ଗୁଡ଼ିକୁ ପୁରସ୍କୃତ କରାଯାଇଥିଲା।

Nuapada

## ବିଦ୍ୟାଳୟ ବାର୍ଷିକ ଉତ୍ସବ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବାଦୀ ଗ୍ରାମସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଜିଲ୍ଲାପାଳ ମଧୁସୂଦନ ଦାସ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

Desk

## ଜଳକ୍ରୀଡ଼ା ଚୟନ

ରାଜ୍ୟ କାୟାକିଙ୍ଗ୍ ଓ କାନୋଇଙ୍ଗ୍ ଦଳ ପାଇଁ ଖେଳାଳି ଚୟନ ନିମନ୍ତେ ଆଗ୍ରହୀ ଖେଳାଳିମାନେ ଆଜି ସୁଦ୍ଧା ସେମାନଙ୍କର ନାମ ଦେଇପାରିବେ। ଆସନ୍ତା ସୋମବାର ଦିନ ଜଗତପୁର ଜଳକ୍ରୀଡ଼ା କେନ୍ଦ୍ରଠାରେ ଖେଳାଳି ଚୟନ କରାଯିବ। ଶିବିରରୁ ମନୋନୀତ ହେବାକୁ ଥିବା ଖେଳାଳିମାନଙ୍କୁ ଜଳକ୍ରୀଡ଼ା କେନ୍ଦ୍ରଠାରେ ୨୧ ଦିନ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ। ମନୋନୀତ ଖେଳାଳିମାନେ ୩୬ତମ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାକୁ

ପ୍ରତିନିଧିତ୍ୱ କରିବେ ବୋଲି ରାଜ୍ୟ ଜଳକ୍ରୀଡ଼ା ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

Nabarangpur

## ଖେଳ ମହୋତ୍ସବ

ନବରଙ୍ଗପୁର ଲୋକସଭା କ୍ଷେତ୍ରସ୍ତରୀୟ ସାଂସଦ କ୍ରୀଡ଼ା ମହୋତ୍ସବ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ନବରଙ୍ଗପୁର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଏହି କ୍ରୀଡ଼ା ମହୋତ୍ସବରେ ପ୍ରାୟ ୧ ହଜାର ୭୦୦ଜଣ ଖେଳାଳି ଅଂଶଗ୍ରହଣ କରିବେ। ଏଥିପାଇଁ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ୨୫ ତାରିଖ ଉଦ୍‌ଯାପନୀ ସମାରୋହରେ ନବରଙ୍ଗପୁର ସାଂସଦଙ୍କ ସମେତ ଲୋକସଭା କ୍ଷେତ୍ରର ସମସ୍ତ ବିଧାୟକ, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିର ଜିଲ୍ଲାପାଳମାନେ ଯୋଗଦେବେ।

MET

## ପାଣିପାଗ

ରାଜ୍ୟରେ ଶୀତର ଲହରୀ ଜାରି ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତକାଲି  ଫୁଲବାଣୀଠାରେ ସର୍ବନିମ୍ନ ତାପମାତ୍ର ୫ ଦଶମିକ ୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା । ରାଉରକେଲାଠାରେ ସର୍ବାଧିକ ଘନକୁହୁଡ଼ି ଦୃଶ୍ୟମାନ ହୋଇଥିଲା। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡି ହେବା ନେଇ

ସୁନ୍ଦରଗଡ଼, ଝାରସୁଗୁଡ଼ା ଓ କନ୍ଧମାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।